# ୩୯ କନ୍ୟାଙ୍କ ସାମୂହିକ ବିବାହ

ବଲାଙ୍ଗିର,୨୧।୪(ସମିସ)



କୋଶଳ କଳା ମଣ୍ଡଳ ପଡିଆ ପରିସରରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନ ସାମୂହିକ ବିବାହ ଉତ୍ସବ ଆୟୋଜିତ ହୋଇଛି। ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ୩୯ ଜଣ କନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଛି। ଓଡିଆ ରୀତିନୀତି ଅନୁଯାୟୀ ଆୟୋଜିତ ଏହି ଉତ୍ସବରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତିମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ ବିଧାୟକ ନବୀନ ଜୈନ, ଗୋପାଳଜୀ ପାଣିଗ୍ରାହୀ, ସୁରେଶ ମହାଲିଙ୍ଗ, ଦିନେଶ ଶର୍ମା, ଜିଲ୍ଲାପାଳ ଗୌରଵ ଶିଵାଜୀ ଇସଲଵାର, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ସେମାନଙ୍କୁ ୪୫ ହଜାର ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ସମସ୍ତ ବିବାହ ବୈଧ ପଞ୍ଜୀକରଣ ମାଧ୍ୟମରେ ସମ୍ପନ୍ନ ହୋଇଛି। ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ ସହିତ ସ୍ଥାନୀୟ ସ୍ବେଚ୍ଛାସେବୀ ସଂଗଠନଙ୍କ ସହଯୋଗରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ଯେ, ଆଗାମୀ ଦିନରେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ମଧ୍ୟ ଏପରି ସାମୂହିକ ବିବାହ ଆୟୋଜନ କରାଯିବ। ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ଲାଭ ପହଞ୍ଚାଇବାକୁ ସୁନିଶ୍ଚିତ କରାଯିବ। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନ ବିଧବାଙ୍କୁ ପୁନଃ ବିବାହ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଏହି ଯୋଜନା ବାଲ୍ୟ ବିବାହ ଓ ଯୌତୁକ ପ୍ରଥାକୁ ନିବାରଣ କରିବା ସହ ଓଡିଶା ବିବାହ ନିୟମ ଅନୁଯାୟୀ ପଞ୍ଜୀକରଣକୁ ସୁନିଶ୍ଚିତ କରେ ଏବଂ ବିବାହରେ ମହିଳାଙ୍କ ଆଇନଗତ ସଚେତନତାକୁ ବୃଦ୍ଧି କରେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ମୋଟ ୬୦ ହଜାର ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଉଛି। ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଏ। ଯୋଜନାର ଯୋଗ୍ୟତା ଅନୁଯାୟୀ, କନ୍ୟାଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ଓ ବର ବୟସ ୨୧ରୁ ୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ବିଧବାଙ୍କ ପୁନଃ ବିବାହ, ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗ ଦମ୍ପତିଙ୍କୁ ଏହି ଯୋଜନାରେ ପ୍ରାଥମିକତା ଦିଆଯାଉଛି।

### ପାଟଣାଗଡ଼ ବ୍ଲକ୍‌ରେ ଆବାସ ଦୁର୍ନୀତି

# ଘର ନିର୍ମାଣ ହୋଇନି; ହେଲେ ବିଲ୍ ପାସ୍

ପାଟଣାଗଡ଼,୨୧।୪ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ ଦୁର୍ନୀତି ପିଛା ଛାଡୁନି। ବିଭିନ୍ନ ଘଟଣାକୁ ନେଇ ଅନେକ ସମୟରେ ଏହି ବ୍ଲକ୍ ଚର୍ଚ୍ଚାରେ ରହିଛି। ଏବେ ପୁଣି ଏକ ଦୁର୍ନୀତି ସାମନାକୁ ଆସିଛି। ଆବାସ ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଖୋଦ ବ୍ଲକ୍ ଅଧ୍ୟକ୍ଷ ନୀଳକାନ୍ତ ବାଗ ଏହି ଅଭିଯୋଗ କରିଛନ୍ତି।

ପାଟଣାଗଡ଼ ବ୍ଲକ ଲରମ୍ବା ପଞ୍ଚାୟତର ଜ୍ୟୋସ୍ନା ମାହାରଙ୍କୁ ୨୦୨୫/୨୬ରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ ସରକାର ତରଫରୁ ଆଦେଶ ନାମା ମିଳିଥିଲା; କିନ୍ତୁ ସରକାରୀ ତଥ୍ୟ ଅନୁସାରେ ଏହି ଘର ଛାତ ପର୍ଯ୍ୟନ୍ତ ଯାଇଛି। ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସୁନାଙ୍କ ଘଟଣା ସ୍ଥଳ ପରିଦର୍ଶନ ପରେ ଶ୍ରୀମତୀ ମାହାରଙ୍କ ଆକାଉଣ୍ଟରେ ୧୧।୧୨।୨୪ରେ ୬୫୦୦୦ ଓ ୨୪।୧୨।୨୪ରେ ୪୦୦୦୦ ଟଙ୍କା ଟଙ୍କା ପଡିଛି; କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଦୁର୍ନୀତି ଜଳ ଜଳ ଦିଶୁଛି। ଆଦୌ ଘର ହିଁ ନିର୍ମାଣ ହୋଇନାହିଁ। ତେବେ ନିୟମାନୁସାରେ ଆବାସ ଯୋଜନା ପାଇଁ ଗୃହ ନିର୍ମାଣ ସମୟରେ ଜିଓ ଟ୍ୟାଗ୍ କରାଯାଇ ସରକାରୀ ୱେବ



ସାଇଟରେ ଫଟୋ ଅପଲୋଡ୍ ହେବା କଥା; କିନ୍ତୁ ଘର ନିର୍ମାଣ ନ ହୋଇ କିଭଳି ଜିଓଟ୍ୟାଗ୍ କରାଯାଇଛି ତାହା ତଦନ୍ତ ସାପେକ୍ଷ। ଏ ଘଟଣାରେ ବ୍ଲକ୍ ଅଧ୍ୟକ୍ଷ ନୀଳକାନ୍ତ ବାଗ ଗତ ଶନିବାର ଜ୍ୟୋସ୍ନା ମାହାରଙ୍କ ଘରକୁ ପଞ୍ଚାୟତର ଏଡିଇଓ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ତଦନ୍ତ କରିଛନ୍ତି। ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ କଡା ତାଗିଦ କରିଛନ୍ତି। ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ବିଷୟରେ ବିଡ଼ିଓ ସୁମନ ମିଞ୍ଜଙ୍କୁ ଅବଗତ କରିବାରୁ ବ୍ୟସ୍ତତାରେ ଥିବା କହି ଫୋନ୍ କାଟି ଦେଇଥିଲେ। ପିଡିଙ୍କୁ ଅବଗତ କରିବାରୁ ଯଦି ସେଭଳି ହୋଇଛି ସାଙ୍ଘାତିକ। ଏହି ଘଟଣାରେ ଦୃଢ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ● ସ୍କାଉଟ ମାଷ୍ଟର ଓ ଗାଇଡ୍ସ କ୍ୟାପ୍ଟେନ ତାଲିମ ଶିବିର ଉଦ୍‌ଯାପିତ

# ଯୁବପିଢ଼ିକୁ ଉପଯୁକ୍ତ ମୂଲ୍ୟବୋଧ ଦେବାରେ ସ୍କାଉଟ୍ ଓ ଗାଇଡ୍ସର ଭୂମିକା ଅପରିହାର୍ଯ୍ୟ



ବଲାଙ୍ଗିର,୨୧।୪(ସମିସ): ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ବଲାଙ୍ଗିର ଜିଲ୍ଲା ଭାରତ ସ୍କାଉଟ ଗାଇଡ଼ ଆନୁକୂଲ୍ୟରେ ଚାଲିଥିବା ୭ ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ଶିବିରାର୍ଥୀମାନେ ସ୍କାଉଟ ଓ ଗାଇଡ଼ର ମୂଳନୀତି, ଶିଷ୍ଟାଚାର, ନେତୃତ୍ୱ କୌଶଳ, ସାମାଜିକ ସେବା ସମ୍ବନ୍ଧୀୟ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଶ୍ରୀକର ମିଶ୍ର ନିଜ ବକ୍ତବ୍ୟରେ ଆଜିର ଯୁବପିଢ଼ିକୁ ଠିକ ମୂଲ୍ୟବୋଧ ଦେବାରେ ସ୍କାଉଟ ଓ ଗାଇଡ଼ର ଭୂମିକା ଅପରିହାର୍ଯ୍ୟ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ନିଜ ବକ୍ତବ୍ୟରେ ସମାଜ ସେବା, ପରିବେଶ ସୁରକ୍ଷା ଓ ଦେଶପ୍ରେମର ମୂଲ୍ୟବୋଧକୁ ଅନୁସରଣ କରି ଆଗକୁ ବଢିବାକୁ ଆହ୍ୱାନ ଦେଇଥିଲେ। ସ୍କାଉଟ ମାଷ୍ଟର ଅଜିତ ମିଶ୍ର ଓ ଗାଇଡ଼ କ୍ୟାପ୍ଟେନ ଜିନିମା ନନ୍ଦ ନିଜ କ୍ୟାମ୍ପ ଅନୁଭୂତି କହିଥିଲେ। ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ବିଇଓ ନୀଳମଣି ପଟେଲ, ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସମ୍ପାଦକ ପ୍ରଦୀପ ପାତ୍ର, କୋର୍ସ ଲିଡର ପୀତବାସ ପଟ୍ଟନାୟକ, ପ୍ରିୟଦର୍ଶିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ସୁରଜିତ ସେନ, ନୀଳାଞ୍ଚଳ ଚିର୍ଗୁନ,ବସନ୍ତ ମେହେର, ଜୟଶ୍ରୀ ପୋଡ଼,ଦେବାଶିଷ ମେହେର, କସ୍ତୁରୀ ରଥ,ହେମନ୍ତ ପ୍ରଧାନ ସହଯୋଗ କରିଥିଲେ। ଏହି ତାଲିମ ଶିବିରରେ ୭୦ଜଣ ସ୍କାଉଟ ମାଷ୍ଟର ଓ ୫୫ଜଣ ଗାଇଡ଼ କ୍ୟାପ୍ଟେନ ଯୋଗ ଦେଇଥିଲେ। ରଞ୍ଜିତ ବେହେରା, ସୁଦର୍ଶନ ନାୟକ, ବ୍ରାହ୍ମଣୀ ଦୀପ, ଚକ୍ରପାଣି ଷଡ଼ଙ୍ଗୀ, ଗୋବିନ୍ଦ ବଗର୍ତି, ସୁଦୀପ୍ତ ଦୀପ, ବୈକୁଣ୍ଠ ଜେନା, ଜନାର୍ଦ୍ଦନ ପାଣ୍ଡେ, ଯୋଗେନ୍ଦ୍ର ପଟେଲ ସହଯୋଗ କରିଥିଲେ।

# ଦେବଦମ୍ପତିଙ୍କ ବିବାହ ପାଇଁ ଥାଳ ଉଠିଲା



ବଲାଙ୍ଗିର,୨୧।୪ (ସମିସ): ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଦେବ ଦମ୍ପତିଙ୍କ ଶୁଭ ବିବାହ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଥାଳ ଉଠା ନୀତି ସମ୍ପନ୍ନ ହୋଇଛି। ବଲାଙ୍ଗିରର ସର୍ବ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ଏବିଏସ୍‌ଏସ୍ ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଏଥର ୩୮ତମ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆୟୋଜନ ହେବ। ଅକ୍ଷୟ ତୃତୀୟା ତିଥିରେ ଦେବ ଦମ୍ପତିଙ୍କ ମାତାପିତା ଚୟନ ହୋଇଛନ୍ତି। ଟିକ୍ରାପଡା ନିବାସୀ ରାଜକୁମାର ଖଟୁଆ ଏବଂ ତାଙ୍କ ସ୍ତ୍ରୀ ନମିତା ଖଟୁଆ ଦେବଦେବ ମହାଦେବଙ୍କ ମାତା ପିତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେହିପରି କନ୍ୟା ପକ୍ଷ ମାତା ପାର୍ବତୀଙ୍କ ମାତାପିତା ଭାବେ ବଲାଙ୍ଗିର ତେଲିଗୋଟ ପଡା ନିବାସୀ ଜୟପ୍ରକାଶ ନାରାୟଣ ପୁରୋହିତ ଓ ତାଙ୍କ ସହ ଧର୍ମିଣୀ ରୁନୁ ପୁରୋହିତ ସୌଭାଗ୍ୟ ଅର୍ଜନ କରିଛନ୍ତି। ସ୍ଥାନୀୟ ଏବିଏସ୍‌ଏସ୍ କ୍ଲବରେ ନୀତିକାନ୍ତ ସହ ତିଥି ଧାର୍ଯ୍ୟ ହୋଇଥିଲା। ଶ୍ରୀ ଶ୍ରୀ ସିଦ୍ଧେଶ୍ୱରୀ ବାବା ନୃସିଂହ ମନ୍ଦିରରେ ପୂଜାର୍ଚ୍ଚନା ସହ ଥାଳଉଠା ନୀତି ସମ୍ପନ୍ନ ହୋଇଛି। ଏବିଏସ୍‌ଏସ୍ କ୍ଲବର ସଭାପତି ସମୀର ସାହାଣୀ, ଉପସଭାପତି ଅନାଦି ପଟ୍ଟନାୟକ, ସହ ସଂପାଦକ ବିଭୁ ପ୍ରସାଦ ଷଡଙ୍ଗୀ, କୋଷାଧ୍ୟକ୍ଷ ମାନସ ବହିଦାର, ଶୁଭମ ସାହୁ, ନୀରଜ ବକ୍ସି, ନିଖିଳ ବହିଦାର, ପିଙ୍କୁନ ବରାଇ, ଆତିଶ ସରାଫ, ଗୋପାଳ ବରାଇ, କୁନୁ ରାଉତ, ପେଟୁ ସାହାଣୀ, ବିକ୍ରାନ୍ତ ଚୋପଦାର, ସୁଧୀର ସାହୁ, ବେଲାର ସାହୁ, ବଳରାମ ରାଉତ, ଘୁଣ୍ଟୁ ବରାଇ, ସୁନିଲ ମିସ୍ତ୍ରୀ, ସଂଗ୍ରାମ ନାୟକ, ଶିବାନନ୍ଦ ସାହାଣୀ, ଗୋପାଳ ସାମଲ, ପ୍ରମୁଖଙ୍କ ସହ କର୍ତ୍ତା, ପଡାବାସୀ ଓ ସହର ବାସୀ ଏକାଠି ହୋଇଥିଲେ। ପ୍ରହ୍ଲାଦ ଦର୍ଜୀ ଏଥର ଯାତ୍ର ପରି.ଳନା ଦାୟିତ୍ୱ ତୁଲାଇବେ। ସେହିପରି ଯାତ୍ରା ଯେମିତି ମହାଆଡମ୍ବର ଓ ଜାକଜମକରେ ହେବ ତା ପାଇଁ ସ୍ଥିର ହୋଇଛି। ଜୁନ ୧୮ ତାରିଖରେ ଦେବ ଦମ୍ପତିଙ୍କ ଶୁଭ ବିବାହ ଅନୁଷ୍ଠିତ ହେବ। ୨୦ ତାରିଖ ସକାଳୁ ଦେବ ଦମ୍ପତିଙ୍କ ଘର ବାହୁଡା ଯାତ୍ରା ଓ ଯୁଗଳ ମୂର୍ତ୍ତି ଦର୍ଶନ ଆୟୋଜନ ହେବ।

# କର୍ମବୀର ସୋମନାଥ ମିଶ୍ରଙ୍କ ଜନ୍ମ ଶତ ବାର୍ଷିକୀ

ବଲାଙ୍ଗିର,୨୧।୪(ସମିସ): ଚୁଡାପାଲିସ୍ଥିତ ବାନ୍ଧନଭାଡି ଗ୍ରାମରେ ବଲାଙ୍ଗିରର ଅଗ୍ରଣୀ ସ୍ବେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଂଗଠନ ଓ କର୍ମବୀର ସୋମନାଥ ମିଶ୍ର ସ୍ମୃତି ସମିତି ଆନୁକୂଲ୍ୟରେ ସୋମନାଥ ମିଶ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଛି। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି, ଡ. ପ୍ରେମ.ନ୍ଦ ମହାନ୍ତି ମୁଖ୍ୟବକ୍ତା ଓ ବିଶିଷ୍ଟ ଶିକ୍ଷାବିତ ଗିରିଜା ଶଙ୍କର ରଥ ଏବଂ ସ୍ମୃତି ସମିତିର ଆବାହକ କହ୍ନାଇ ଚରଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋମନାଥ ମିଶ୍ରଙ୍କ ଭଳି କର୍ମବୀର, ଶିକ୍ଷାଦ୍ୟୋଗୀ, ସମାଜ ସୁଧାରକ, ସମସ୍ତଙ୍କୁ ଭଲ ପାଉଥିବା ତଥା ବସୁଧୈବ କୁଟୁମ୍ବକମର ଚିନ୍ତା ଚେତନାରେ ଉଦ୍‌ବୃଦ୍ଧି ମଣିଷ କେବେ ମଧ୍ୟ ମରି ପାରନ୍ତି ନାହିଁ। ଏହିଭଳି ମହାନ ତପସ୍ୱୀମାନେ ପରଲୋକ ଗମନ କରି ମଧ୍ୟ ତାଙ୍କର କର୍ମ ପାଇଁ ସମାଜକୁ ପ୍ରେରଣା ଓ ଦିଗଦର୍ଶନ ଦେଉଥାନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁଳସୀ ମଂଜରୀ ମିଶ୍ର, ଉଦୟ ସିଂଠାକୁର, ସୁଧାଂଶୁ ରାଉତ ଓ ଶାନ୍ତିଲତା ମିଶ୍ର ମଧ୍ୟ ଯୋଗଦେଇ ସୋମନାଥ ମିଶ୍ରଙ୍କ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ



ସୋମନାଥ ସ୍ମୃତି ସମିତି ତଥା ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନ ମୋହନ ରଥ ଅଧ୍ୟକ୍ଷତା କରିଥିଲେ। ରତ୍ନମୟ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ମୃତି ସମିତିର ସଂପାଦକ ମଧୁ ସାହୁ ସଭା ପରି.ଳନା କରିଥିଲେ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହୃଷିକେଶ ପଟେଲ, ଶିବ ପ୍ରସାଦ ପଣ୍ଡା, ସଂକୀର୍ତ୍ତନ ମେହେର, ନିତାଇ ଚରଣ ମେହେର, ଯୁଧିଷ୍ଠିର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ଗର୍ଜନ ସ୍ଥିତ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟକୁ କିଛି ଲାଇବ୍ରେରୀ ପୁସ୍ତକ ଓ ଉପହାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିଶୁ ବିକାଶ କେନ୍ଦ୍ର, ଆଦ୍ୟାଶକ୍ତି ନାରୀ ସଂଗଠନର କର୍ମକର୍ତ୍ତା ତଥା ବାନ୍ଧନଭାଡି ଗ୍ରାମର ଜନସାଧାରଣ ତଥା ମିଶ୍ର ପରିବାର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ଶେଷରେ ଉପସ୍ଥିତ ସଦସ୍ୟ ସାମୂହିକ ଭାବେ ରଘୁପତି ରାଘବ ରାଜାରାମ ପତିତପାବନ ସୀତାରାମ ପ୍ରାର୍ଥନା ଗାନ କଲା ପରେ ସୋମନାଥ ମିଶ୍ରଙ୍କ ସୁପୁତ୍ର କେଶବ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବଲାଙ୍ଗିରରେ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

ବଲାଙ୍ଗିର,୨୧।୪(ସମିସ): ବଲାଙ୍ଗିର ପୌର ପରିଷଦ ପକ୍ଷରୁ ପ୍ୟାଲେସ ପଛପଟରୁ ରାଜେନ୍ଦ୍ର କଲେଜ ଶିଶୁ ମନ୍ଦିର ରାସ୍ତା ହୋଇ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ଓ ବେହେରାପାଲିଠାରୁ ପୁଇନ୍ତଲା ଗ୍ରାମ ପର୍ଯ୍ୟନ୍ତ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପ ଅଧୀନ ରାସ୍ତାକୁ ନୂତନ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ସହ ତିରଙ୍ଗା ଆଲୋକରେ ସଜା ଯାଇଛି। ଅଞ୍ଚଳଟି ଆକର୍ଷଣୀୟ ହୋଇଛି। ପୂର୍ବରୁ ଏହି ରାସ୍ତାରେ ଲୁଟପାଟ ବୃଦ୍ଧି ପାଇଥିବାରୁ ପୁଲିସ ପାଇଁ ବଡ଼ ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ନଗରପାଳ ଲୀକା ସାହୁ, ଉପନଗରପାଳ ଗାୟତ୍ରୀ ଭୋଇ, କାଉନସିଲର ଶତ୍ରୁଘ୍ନ ବାଗ, ଲଲାଟେନ୍ଦୁ ପଟ୍ଟନାୟକ, କିଶୋର କୁମ୍ଭାର, ସରିତା ଦାସ, ଗଙ୍ଗା ଚାନ୍ଦ, ଶମ୍ଭୁ ନାଗ, ନନ୍ଦିନୀ ପୋଡ଼, ହରିଶଙ୍କର ଚତରିଆଙ୍କ ସମେତ ନିର୍ବାହୀ ଅଧିକାରୀ ଓ ପୌର ପରିଷଦର ଅନେକ କର୍ମଚାରୀ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସାଧାରଣ ଲୋକ ଏହି ପଦକ୍ଷେପକୁ ସ୍ୱାଗତ କରି ପୌର ପରିଷଦକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି।

### ଧାମନଡ଼ଙ୍ଗାରେ ପୁଣି ମାଟି ଚୋରି

# ତହସିଲ, ଖଣି ବିଭାଗ ଚୁପ୍

କଣ୍ଟାବାଞ୍ଜି,୨୧।୪(ସମିସ): ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜିରେ ପୁଣି ଜମି ମାଫିଆ ସକ୍ରିୟ ହୋଇଛନ୍ତି। ସରକାରୀ ଜମିରୁ ଦିନରାତି ମାଟି ଉଠୁଛି। ପ୍ରଶାସନିକ ଅଧିକାରୀ କିନ୍ତୁ ହାତବାନ୍ଧି ବସିଛନ୍ତି। କଣ୍ଟାବାଞ୍ଜି ତହସିଲ ଧାମନଡ଼ଙ୍ଗାରେ ସରକାରୀ ଜମି ଭିତରେ ଥିବା କିଛି ରୟତି ଜମିକୁ କବ୍‌ଜା କରିବା ପରେ ସରକାରୀ ଜମି ଉପରେ ମାଡ଼ିବସି ଆରାମରେ ମାଟି ଚୋରି ହେଉଛି। ସରକାରୀ ଜମିରୁ ହାଇୱାରେ ମାଟି ଉଠାଇ ଅନ୍ୟତ୍ର ନିଆଯାଉଛି। ସେହିପରି କୌଣସି ଟିକସ ନଦେଇ ଏଭଳି କାମ ଚାଲିଛି। ଧାମନଡ଼ଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ୩ କିମି ଦୂରରେ କିଛି ମାସ ହେଲା ପେଟ୍ରୋଲ ଡିଜେଲର ଡିପୋ ପ୍ରସ୍ତୁତ ହେଉଛି। କମ୍ପାନୀ ଜମି କିଣି ଏହି କାମ କରୁଛି। ତେବେ ମାଟି ପାଇଁ ଏହା ପାଖାପାଖି ରାସ୍ତା, ଜମି ଉପରେ



ଦଲାଲ ଓ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡୁଛି। ଧାମନଡଙ୍ଗା ସରପଞ୍ଚଙ୍କ ପ୍ରତିନିଧି ପପି ସୁନାଙ୍କ କହିବା କଥା ଅନେକ ଘରୋଇ କମ୍ପାନୀ ଅଞ୍ଚଳରେ ଜୋରସୋରରେ କାମ ଆରମ୍ଭ କରିଛନ୍ତି। ବିନା କୌଣସି କାଗଜପତ୍ରରେ ମଧ୍ୟ ଅନେକ ଜମିରୁ ରାତିସାରା ମାଟି ଚୋରି ହେଉଛି। ଅଥଚ ସ୍ଥାନୀୟ ତହସିଲଦାରଙ୍କ ନଜର ପଡୁନି। ଏପରିକି ଜିଲ୍ଲାର ଖଣି ବିଭାଗ ଅଧିକାରୀ ମଧ୍ୟ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଏ ସମ୍ପର୍କରେ ତହସିଲଦାର ବିଶ୍ୱନାଥ ଖାଲକୋଙ୍କୁ ପଚାରିବାରୁ ଖବର ପାଇଲେ ନିଶ୍ଚିତ ଭାବେ ତଦନ୍ତ କରାଯିବ। ବେଆଇନ ମାଟି, ବାଲି ଚାଲାଣ ରୋକିବା ସହ ଜରିମାନା ଆଦାୟ ହେବ; କିନ୍ତୁ ଖଣି ବିଭାଗ ଏସବୁ ଦାୟିତ୍ୱ ନେଇଛି। ଖଣି ବିଭାଗ ଆସି ତଦନ୍ତ କଲେ ଆମେ ମଧ୍ୟ ସାମିଲ ହେବୁ ବୋଲି କହିଛନ୍ତି।

### ସିଏମ୍ ଟ୍ରଫି-୨୦୨୬ ଫୁଟବଲ୍ ଉଦ୍‌ଯାପିତ

# ବାଳକରେ ଟିଟିଲାଗଡ଼, ବାଳିକାରେ ସଇଁତଲା ଚାମ୍ପିଅନ






ବଲାଙ୍ଗିର,୨୧।୪(ସମିସ)

ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ୍ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଚାମ୍ପିୟନସିପ୍-୨୦୨୬ ଦ୍ୱିତୀୟ ସଂସ୍କରଣ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଉଦ୍‌ଯାପିତ ହୋଇଛି। ବାଳିକା ଫାଇନାଲ ଖେଳ ସଇଁତଲା ବନାମ ତୁରେକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଇଁତଲା ଦଳ ୩-୦ ଗୋଲରେ ତୁରେକେଲାକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ସେହିପରି ବାଳକ ବିଭାଗର ଫାଇନାଲ ଖେଳ ଟିଟିଲାଗଡ ବନାମ ବଲାଙ୍ଗିର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଟିଲାଗଡ ଦଳ ୬-୦ ଗୋଲ ବ୍ୟବଧାନରେ ବଲାଙ୍ଗିରକୁ ହରାଇ ଚାମ୍ପିଅନ ହୋଇଛି। ଉଦ୍‌ଯାପନୀ ସମାରୋହରେ ଜିଲ୍ଲା କ୍ରୀଡା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ସଂସଦ ତଥା ଫାଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଯୋଗ ଦେଇ ଉଭୟ ବିଜେତା ଓ ଉପ-ବିଜେତା ବାଳକ/ବାଳିକା ବିଭାଗର ଖେଳାଳିଙ୍କୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ସ୍ୱତନ୍ତ୍ର ଭାବରେ ସମସ୍ତ ରେଫରୀ ଓ ମ୍ୟାଚ କମିଶନରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରିନାରାୟଣ ପୂଜାରୀ, ଶତ୍ରୁଘ୍ନ ସିଂହ, ପ୍ରହ୍ଲାଦ ଶତପଥୀ, ହେମନ୍ତ ବେହେରା, ଓମ୍‌ପ୍ରକାଶ .ନ୍ଦ, ଜୟରାମ ମିଶ୍ର, ସୁଧୀରଚନ୍ଦ୍ର ପଣ୍ଡା, ପ୍ରଭାତ ମିଶ୍ର, ବିଭୂତି ଭୂଷଣ ପଣ୍ଡା, କ୍ରୀଡା ଛାତ୍ରାବାସର ଫୁଟବଲ ପ୍ରଶିକ୍ଷକ ପରାଶର ବାଗ, ଡ. ସିଦ୍ଧେଶ୍ୱର ମିଶ୍ର, ସୁଧାଂଶୁ ସେଠ, ସୁନିଲ ଚନ୍ଦ୍ର ବିଶ୍ୱାଳ, ପ୍ରଦୀପ ମହାରଣା, ଭରତ ଡାଙ୍ଗ, ଜିତୁ ଦଲାଇ ପ୍ରମୁଖ ଯୋଗ ଦେଇଥିଲେ। ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ। ଦେବାଶିଷ ବାଗ, ମଳୟ ଘିଭେଲା, ସଞ୍ଜନ କୁଦେଇ, ଜିତେନ୍ଦ୍ର ପାତ୍ର, ସୁଦର୍ଶନ ସେଠ, ଯଶୋବନ୍ତ ମାଝୀ, ଗୌରହରି ପୁଟେଲ, ନରସିଂସ୍ୱାମୀ ନାଇଡୁ, ଧନେଶ୍ୱର ସେଠ ଓ ଦୋଳଗୋବିନ୍ଦ ମୁଣ୍ଡା ପରି.ଳନା କରିଥିଲେ। ଶରତ ନନ୍ଦ ମଞ୍ଚ ପରି.ଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ
THE SAKALA



## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ସାମୂହିକ ବିବାହ

# ୧୭ ଯୋଡ଼ା ବରବଧୂଙ୍କ ବିବାହ ସମ୍ପନ୍ନ


ସୁବର୍ଣ୍ଣପୁର


ବୌଦ୍ଧ

ତରଭା,୨୧ ।୪(ସମିସ)

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ମାଧ୍ୟମରେ ଆଜି ରାଜ୍ୟର ୨୭ଟି ଜିଲ୍ଲାରେ ୧,୦୦୦ରୁ ଅଧିକ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟସ୍ଥିତ ଟାଉନ ହଲ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ । ଏହା ବାଲ୍ୟବିବାହ ବିରୋଧରେ ଏକ ସଂକଳ୍ପ । ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ । କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ । ଏହି ଯୋଜନା କେବଳ ବିବାହ ଉତ୍ସବ ନୁହେଁ; ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ । ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତା । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଉପଜିଲ୍ଲାପାଳ ଡ. ସୌମ୍ୟରୂପା ରଥ, ଡିଏସ୍‌ପି ରେଣୁକା ସୁନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବୀଣାପାଣି ମିଶ୍ର, ବେଣୁଧର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ରେଆରର ଅନଙ୍ଗ ନେଗୀ ଏବଂ ମନୋଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ଜିଲ୍ଲାର ୫ଟି ବ୍ଲକ୍‌ରୁ ୩ଟି ଲେଖାଏଁ ଯୋଡି ଆସିଥିବା ବେଳେ ବିନିକା ବ୍ଲକ୍‌ରୁ ୨ଟି ଯୋଡି ଆସିଥିଲେ । ସେମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ସାଧାରଣ ବର୍ଗର ବରକନ୍ୟା ରହିଥିଲେ । ବିବାହ କରିଥିବା ସମସ୍ତ ୧୭ ଜଣ କନ୍ୟାଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଥିବା ବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ପରିବାରବର୍ଗ ଏବଂ ଜିଲ୍ଲା ପ୍ରଶାସନ ତଥା ସମାଜ କଲ୍ୟାଣ ବିଭାଗ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଛି । ବିବାହ ସମ୍ପନ୍ନ ପରେ ସମସ୍ତ ନବବିବାହିତ ଦମ୍ପତି ଯୌତୁକ ପ୍ରଥା ବିରୋଧରେ ପ୍ରତିଜ୍ଞା ନେଇଛନ୍ତି । ବିବାହ ପରେ ଗୋଟିଏ ଲେଖାଏଁ ଗଛ ସମସ୍ତ ଦମ୍ପତିଙ୍କୁ ପ୍ରଦାନ କରାଯାଇଥିଲା । ସେମାନେ ଏହାର ଯତ୍ନ ନେବେ ଏବଂ ସେହି ଗଛର ଜୀବନ ତାଙ୍କର ବିବାହର ସମୟର ପ୍ରତୀକ ହେବ । ଏହି ଅବସରରେ ବିଧାୟକ ମଧ୍ୟ ସମସ୍ତ ନୂତନ ଦମ୍ପତିଙ୍କୁ ଉପହାର ଦେଇଥିଲେ । ଜିଲ୍ଲା ଓଏଏସ ଏବଂ ଓଆରଏସ ସଂଘ ତରଫରୁ ମଧ୍ୟ ସେମାନଙ୍କୁ ଗୋଟିଏ ଲେଖାଏଁ ହାତଘଣ୍ଟା ପ୍ରଦାନ କରାଯାଇଥିଲା ।

## ବୌଦ୍ଧରେ ୧୧ ଯୋଡ଼ି ନବଦମ୍ପତିଙ୍କ ସାମୂହିକ ବିବାହ

ବୌଦ୍ଧ,୨୧ ।୪(ସମିସ): ବୌଦ୍ଧ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ସ୍ଥାନୀୟ ଚନ୍ଦ୍ରଚୂଡ଼ ମନ୍ଦିର ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୧୧ ଯୋଡ଼ି ନବଦମ୍ପତିଙ୍କ ସାମୂହିକ ବିବାହ ସମ୍ପନ୍ନ ହୋଇଥିଲା । ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।


ବୌଦ୍ଧ

## ୨୪ରେ ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତ

# ସାମ୍ବାଦିକ ସମ୍ମିଳନୀରେ ବିଜେଡିର ଦାବି ଉପସ୍ଥାପନ



ବଲାଙ୍ଗିର,୨୧ ।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୪ ତାରିଖରେ ବଲାଙ୍ଗିର ଆସୁଛନ୍ତି । ଏହାକୁ ନଜରରେ ରଖି ବଲାଙ୍ଗିର ବିଜୁ ଜନତା ଦଳ ଏକ ସାମ୍ବାଦିକ ସମ୍ମିଳନୀ କରିଛି । ବଲାଙ୍ଗିରର ବିଭିନ୍ନ ଉନ୍ନୟନ ମୂଳକ କାମ ତଥା ଯୋଜନା ନେଇ ବିଜେଡି ଦାବି ରହିଛି । ବଲାଙ୍ଗିର ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଓ ସହର ଉନ୍ନତି ସମ୍ବନ୍ଧୀୟ ଅନେକ ଜରୁରୀ ପ୍ରସଙ୍ଗରେ ଉପସ୍ଥିତି ନେତୃମଣ୍ଡଳି ଦାବି କରିଛନ୍ତି । ଦେଓଗାଁ ଚିନି କଳର ପୁନରୁଦ୍ଧାର ପ୍ରସଙ୍ଗ ରହିଛି । ଏହାଦ୍ୱାରା ଜିଲ୍ଲାର କୃଷିକ୍ଷେତ୍ରରେ କୃଷକଙ୍କ ଆର୍ଥିକ ସ୍ଥିତି ସଦୃଢ ହେବ । ସେହିଭଳି କେନ୍ଦ୍ରୀୟ ପାଠାଗାର ନିର୍ମାଣ, ଦେଓଗାଁ ଓ ବଲାଙ୍ଗିର ଉଭୟ ବ୍ଲକରେ ଚାଷୀଙ୍କ ଉନ୍ନତି ପାଇଁ ଶୀତଳ ଭଣ୍ଡାର ସ୍ଥାପନ, କୃଷକ ଓ କୃଷିର ସୁବିଧା ପାଇଁ ସୋନଗଡ ବ୍ୟାରେଜ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ । କାରଣ ଏହି ପ୍ରକଳ୍ପ ହେଲେ ବଲାଙ୍ଗିର ନିର୍ବାଚନ ମଣ୍ଡଳୀର ୧୫ଖଣ୍ଡ ଗାଁ ଉପକୃତ ହେବ । ୨୮ ଟି ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ । ସୋନଗଡ ନଦୀ ଦେଓଗାଁ ବ୍ଲକର ଜୀବନ ରେଖା । ଅନ୍ତର୍ଲା ଓ ଜରାସିଂହାଁରେ ମଧ୍ୟ ବ୍ୟାରେଜ ଜରୁରୀ ରହିଛି । ତୁଷୁରା ଏୟାରଷ୍ଟ୍ରିପର ଉନ୍ନତି କରାଯାଇ ପାଇଲଟ ଟ୍ରେନିଂ ସେଣ୍ଟର ସହିତ ଏୟାରପୋର୍ଟର ବ୍ୟବସ୍ଥା କରାଯାଉ ବୋଲି କୁହାଯାଇଛି । ଏକ ମହିଳା ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ଦଳ ଦାବି କରିଛି । ସେହିପରି ବଲାଙ୍ଗିର ପୌରପାଳିକାର ଡ୍ରେନେଜ୍ ବ୍ୟବସ୍ଥାକୁ ଆଧୁନିକ ଓ ସୁଦୃଢ କରିବା ସହ ସହରର ମୌଳିକ ସୁବିଧାର ସୁଧାର ପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଛି । ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ପାଇଁ ଡାକ୍ତର, କର୍ମଚାରୀଙ୍କ ପୂର୍ଣ୍ଣ ନିଯୁକ୍ତି, ରକ୍ତଭଣ୍ଡାର ସୁବିଧା ବୃଦ୍ଧି ଏବଂ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ବଢ଼ାଇବା ଉପରେ ମଧ୍ୟ ଦଳ ଜୋର୍ ଦେଇଛି । ଏହା ସହିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ୧୦୦ ଏକର ଜମି ଓ ଭିତ୍ତିଭୂମି ବିକାଶ ପାଇଁ ୧୫୦ କୋଟି ଦିଆଯାଉ ବୋଲି ଦଳ କହିଛି । ଏହାଦ୍ୱାରା କର୍ମଚାରୀଙ୍କ କ୍ୱାଟର ପାଇଁ ବହୁମହଲା କୋଠା ଏବଂ ପୁଅ ଏବଂ ଝିଅଙ୍କ ପାଇଁ ହଷ୍ଟେଲ, ଏକାଡେମିକ୍ ବ୍ଲକ -୩, ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଇଁ ମୁଖ୍ୟ ଫାଟକ, ବିଶ୍ୱବିଦ୍ୟାଳୟ ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ଆଲୋକୀକରଣ କରାଯାଇ ପାରିବ । ବିଧାୟକ କଳିକେଶ ସିଂଦେଓଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ଦାବିପତ୍ର ମାଧ୍ୟମରେ ବଲାଙ୍ଗିରର ଦୀର୍ଘଦିନର ସମସ୍ୟାର ସମାଧାନ ଓ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ତ୍ୱରିତ ହସ୍ତକ୍ଷେପ ଅତ୍ୟାବଶ୍ୟକ ରହଛି । ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ବିଜେଡି ନଗର ସଭାପତି ଶମ୍ଭୁ ନାଗ, ଜିଲ୍ଲା ଛାତ୍ର ସଭାପତି ସୁମନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ବେଲପଡ଼ା କଲେଜ ଇତିହାସ ବିଭାଗର ବିଦାୟ ସମ୍ବର୍ଦ୍ଧନା



ବେଲପଡା,୨୧ ।୪(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଇତିହାସ ବିଭାଗ ଶେଷ ବର୍ଷ ଛାତ୍ରଛାତ୍ରୀ ବିଦାୟ ନେଇଛନ୍ତି । ଏହି ଅବସରରେ ଏକ ବିଦାୟ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ମନୋଜ ମହାଖୁଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇତିହାସ ବିଭାଗ ଛାତ୍ରଛାତ୍ରୀଙ୍କୁ ନୂଆଁ ଓ ତ୍ରୁଟିଶୂନ୍ୟ ଇତିହାସ ଗବେଷଣା ଓ ଲିଖନ ଉପରେ ପରାମର୍ଶ ଦେଇଥିଲେ । ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଗାୟତ୍ରୀ ମିଶ୍ର ଇତିହାସ ପଠନର ଗୁରୁତ୍ୱ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ଇତିହାସ ବିଭାଗରେ ଉନ୍ନତିମୂଳକ କାର୍ଯ୍ୟ କରବା ପାଇଁ ଉତ୍ସାହିତ କରିଥିଲେ । ଅଧ୍ୟାପକ ବିକାଶ ସିଂ ନିନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## କବି ଜୟଦେବଙ୍କ ଜୟନ୍ତୀ ସମାରୋହ

ବୌଦ୍ଧ,୨୧ ।୪(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ କବି ଜୟଦେବଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନିରୋଜ ଭତ୍ରା, ଶୁଭେନ୍ଦୁ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ, ମହିଳା ସୁରକ୍ଷା ଅଧିକାରୀ ଗୀତାଞ୍ଜଳି ଦଲାଲ, ସନ୍ତୋଷିନୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ମହିଳା ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ ସୁନ୍ଦର ଓଡ଼ିଶୀ ସଙ୍ଗୀତ ଗାନ କରିଥିଲେ । ଶୁଭ୍ରଜିତ୍ ଦାନୀ, ସୋମନାଥ ବାରିକ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିଦେଶୀ ମଦ ଦୋକାନୀଙ୍କ ଦାଦାଗିରି

ବୌଦ୍ଧ,୨୧ ।୪(ସମିସ): ବୌଦ୍ଧ ହରଭଙ୍ଗାସ୍ଥିତ ଠିପି ଖୋଲା ବିଦେଶୀ ମଦ ଦୋକାନରେ ଗ୍ରାହକଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଆସିଛି । ଆଜି ଜଣେ ଗ୍ରାହକ ଦୋକାନକୁ ବିଅର କିଣିବା ପାଇଁ ଯାଇଥିବା ସମୟରେ ଦୋକାନୀ ଗ୍ରାହକଙ୍କୁ ୧୮୦ ଟଙ୍କା ଦେବା ପାଇଁ କହିଥିଲେ । ବିଅର ଉପରେ କିଣା ଦାମ ୧୬୦ ଟଙ୍କା ଲେଖା ଥିବାବେଳେ ବିଲ୍ ମାଗିବାରୁ ଗ୍ରାହକଙ୍କୁ ବିଲ ୧୭୦ ଟଙ୍କା ଦିଆଯାଉଛି । ଏନେଇ ଦୋକାନୀ ଏବଂ ଗ୍ରାହକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥଲା । ଏ ନେଇ ବୌଦ୍ଧ ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷକଙ୍କ ସହ ଯୋଗାଯୋଗ କରିଥିଲୁ । ଘଟଣାର ତଦନ୍ତ କରାଯିବ । କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମତ ରଖିଥିଲେ ।

## ସପ୍ତକ କଳା ପ୍ରକାଶିକା ପକ୍ଷରୁ ଭଜନ ସମାରୋହ

ବଲାଙ୍ଗିର,୨୧ ।୪(ସମିସ): କୋଶଳ କଳା ମଣ୍ଡଳ ପଡିଆରେ ବଲାଙ୍ଗିରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସପ୍ତକ କଳା ପ୍ରକାଶିକା ତରଫରୁ ଅକ୍ଷୟ ତୃତୀୟା ଉପଲକ୍ଷେ ଭଜନ ସମାରୋହ ଆୟୋଜିତ ହୋଇଯାଇଛି । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୌରାଧକ୍ଷା ଲିକା ସାହୁ, ଲକ୍ଷ୍ମଣ ମେହେର, ଜିଲ୍ଲା ଫୁଟବଲ କୋଚ ପରାଶର ବାଗ, କ୍ଷମାନିଧି ଝାଙ୍କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠି ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ । ଏହି ଅବସରରେ ଗୁରୁଶ୍ରୀ ଶୁଭ୍ରାଂଶୁ ଶେଖର ମିଶ୍ର, ବ୍ୟବସାୟୀ କିଶୋର ରଥ, ମଞ୍ଚ ପରି.ଳକ ରାଜୀବ ଲୋଚନ ଆ.ର୍ଯ୍ୟ, କଳା ସଂଗଠକ ଜୟକୃଷ୍ଣ ମିଶ୍ର, ବିଶିଷ୍ଟ କଣ୍ଠଶିଳ୍ପୀ ବ୍ୟାସଦେବ ପୁରୋହିତ ପ୍ରମୁଖ ସମ୍ମାନିତ ହୋଇଥିଲେ । ଅଧ୍ୟକ୍ଷ ଶିବାନନ୍ଦ ତ୍ରିପାଠି କାର୍ଯ୍ୟଖ୍ରମରେ ଅଧ୍ୟକ୍ଷତା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



## ଆଜିଠୁ ୨୫ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲାରେ ଶିକ୍ଷାନୁଷ୍ଠାନ ବନ୍ଦ

ବଲାଙ୍ଗିର,୨୧ ।୪(ସମିସ): ବଲାଙ୍ଗିର ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଓ ଭୁବନେଶ୍ୱର ଆଇଏମଡିଙ୍କ ଚେତାବନୀକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀ ଓ ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ କଲ୍ୟାଣ ପାଇଁ ଜିଲ୍ଲା ପ୍ରଶାସନ ବୁଦବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରି କରିଛି । ତେବେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ/ଅଧ୍ୟାପକମାନେ ଉପସ୍ଥିତ ରହି ଅନଲାଇନ୍ କ୍ଲାସ ନେବେ । ଅଙ୍ଗନବାଡି କେନ୍ଦ୍ରରେ ଗରମ ଖାଦ୍ୟ ପରିବର୍ତ୍ତେ ଘରକୁ ନେବା ପାଇଁ ରାସନ ବଣ୍ଟନ ସୁନିଶ୍ଚିତ କରାଯିବ । ଜନଗଣନା କାର୍ଯ୍ୟ ଗ୍ରୀଷ୍ମ ପ୍ରବାହ ପ୍ରୋଟୋକଲ ଅନୁସରଣ କରି ଜାରି ରହିବ । ପରୀକ୍ଷା ପୂର୍ବ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଅନୁଯାୟୀ ହେବ । ଏହି ନିର୍ଦ୍ଦେଶ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ । ପିଲାଙ୍କୁ ଘର ଭିତରେ ରଖିବା ସହ ପର୍ଯ୍ୟାପ୍ତ ପାଣି ପିଇବାକୁ ଦେବା ଏବଂ ଦିନର ତୀବ୍ର ଗରମ ସମୟରେ ବାହାରକୁ ଯିବାରୁ ନିବୃତ୍ତ କରିବାକୁ ଅଭିଭାବକଙ୍କ ଉଦ୍ଦେଶ୍ୟରେ ପ୍ରଶାସନ ଅନୁରୋଧ କରିଛି । ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରଶାସନ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲା; ହେଲେ ଗ୍ରୀଷ୍ମ ପ୍ରବାହ ବଢିବାରୁ ପୁଣି ଛୁଟି ବଢାଇଛି ।

## ଗଞ୍ଜେଇ କାରବାରରେ ୩ ଗିରଫ; ପିସ୍ତଲ ଜବତ

ତରଭା,୨୧ ।୪ (ସମିସ): ତରଭା ଅଞ୍ଚଳରେ ପିସ୍ତଲ ଧରି ଗଞ୍ଜେଇ ଚୋରାଚାଲାଣ କରୁଥିବା ୩ ଜଣ ଯୁବକଙ୍କୁ ପୁଲିସ ଧରିଛି । ଗଞ୍ଜେଇ ମାଫିଆଙ୍କ ଦୌରାତ୍ମ୍ୟ ଯେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ଏଥିରେ ସନ୍ଦେହର ଅବକାଶ ନାହିଁ । ଗଞ୍ଜେଇ ଚାଲାଣ ବେଳେ ଯଦି ପୁଲିସ ସାମନାକୁ ଆସେ ତେବେ ପିସ୍ତଲ ବ୍ୟବହାର ପାଇଁ ଏମାନେ ରଖିଥିବା ସ୍ପଷ୍ଟ ହେଉଛି । ରବିବାର ସନ୍ଧ୍ୟାରେ ତରଭା ପୁଲିସ ତରଭା- ଗୁଞ୍ଜିମୁଣ୍ଡା ରାସ୍ତାରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେ କଣ୍ଟାମାଳ ପଟରୁ ଗୋଟିଏ କେଟିଏମ୍ ବାଇକ୍ ଓ ଗୋଟିଏ ରାଇଡର ବାଇକ୍ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହରେ ପୁଲିସ ଅଟକାଇଥିଲା । ପୁଲିସ କଣ୍ଟାମଲ ବ୍ଲକ୍ ବଡଛପାପାଲି ଗ୍ରାମର ପ୍ରଭାସ ସାହୁ (୨୧), ଦେବେଶ ଜାନି (୨୪) ଓ ତରଭା ବ୍ଲକ୍ ସିଂହାରି ନିକଟସ୍ଥ ଲୁକାପାଲି ଗ୍ରାମର ଆକାଶ ସୁନାକୁ ଧରିଥିଲା । ୨ ଜଣ ସେଠାରୁ ଫେରାର ହୋଇ ଯାଇଥିଲେ । ଧରା ପଡିଥିବା ଯୁବକଙ୍କ ନିକଟରୁ ଗଞ୍ଜେଇ ସହ ଗୋଟିଏ ଦେଶୀ ପିସ୍ତଲ ୩ଟି ଗୁଳି, ତିନୋଟି ମୋବାଇଲ ଫୋନ ସହ ବାଇକ୍ ଜବତ ହୋଇଛି । ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ୧୫ କେଜି ୮୭୦ ଗ୍ରାମ ହୋଇଥିଲା । ଏସଆଇ ପ୍ରସନ୍ନଜିତ ବେହେରା, କମସରା ଫାଣ୍ଡି ଅଧିକାରୀ ବିଭୁଦେନ୍ଦ୍ର ବରାଳ, କନେଷ୍ଟବଳ ଶିବ ପ୍ରସାଦରଣା, ରବୀନ୍ଦ୍ର କୁଅଁର, ପଞ୍ଚାନନ ବାଗ ପ୍ରମୁଖ ସାମିଲ ଥିଲେ । ଏ ନେଇ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତରଭା ଥାନା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି । ବୌଦ୍ଧ ଜିଲ୍ଲା କଣ୍ଟାମାଲ ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ହୋଇ ସୁବର୍ଣ୍ଣପୁର ଜିଲ୍ଲା ଦେଇ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ତାମିଲନାଡୁ ଯାଉଛି । ଗଞ୍ଜେଇ ଚାଲାଣ ସିଣ୍ଡିକେଟ ମାଧ୍ୟମରେ ହେଉଛି । ଗଞ୍ଜେଇ ମାଫିଆ ପିସ୍ତଲ ବ୍ୟବହାର କରୁଥିବା ଅନେକ ନଜିର ରହିଛି । ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ପୁଲିସ ପଦକ୍ଷେପ ଗ୍ରହଣ କରୁଥିବା ସତ୍ତ୍ୱେ ମାଫିଆଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନି । ଗତ ୧୧ ମାସ ମଧ୍ୟରେ ୧୧୬ ମାମଲାରେ ୧୨ ହଜାର ୩୭୪ କେଜିରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି । ସରକାରୀ ଦରରେ ଜବତ ଗଞ୍ଜେଇର ମୂଲ୍ୟ ୧୨ କୋଟି ୩୭ ଲକ୍ଷ ୪୯ ହଜାର ୫୭୦ ଟଙ୍କା ହେବ । ଏହାର ବଜାର ମୂଲ୍ୟ କିନ୍ତୁ ୫୦ କୋଟିରୁ ଅଧିକ ହେବ ବୋଲି କୁହାଯାଉଛି । ଏହି ସମସ୍ତ ଗଞ୍ଜେଇ ମାଲଲାରେ ପୁଲିସ ୪୬ଟି ଚାରି ଚକିଆ ଓ ଟ୍ରକ୍ ସହ ୫୯ଟି ଦୁଇ ଚକିଆ ଯାନ ଜବତ କରିଛି; ହେଲେ ଗଞ୍ଜେଇ ଚାଲାଣ ଉପରେ ରୋକ୍ ଲାଗୁନାହିଁ ।



## ଜଗତିରେ ପୁଣି ହାତୀ ଦଳିଦେଲେ ଧାନ ଚାଷ

ଜହ୍ନାପଙ୍କ,୨୧ ।୪(ସମିସ): ବୌଦ୍ଧ ବନଖଣ୍ଡ ଲକ୍ଷ୍ମୀପ୍ରସାଦ ପଞ୍ଚ । ।ୟତ ଅଞ୍ଚଳରେ ଶନିବାର ରାତିରେ ୧୪ ଟିକିଆ ହାତୀ ପଲ ଧାନଚାଷ ନଷ୍ଟ କରିଛନ୍ତି । ସାଲୁଙ୍କି ନଦୀ ପାର ହୋଇ ଖୁଣ୍ଟବନ୍ଧ ପଞ୍ଚାୟତ ଚଣ୍ଡୀଗଡ଼ ଓ ଜଗନ୍ନାଥପୁର ଅଞ୍ଚଳକୁ ପଳାଇ ଆସିଥିଲେ । ସେଠାରୁ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜଗତି, ଲକ୍ଷ୍ମୀପ୍ରସାଦ, ସାପଦୋହଲି, କଉଡ଼ିଆତୋଳା ଗ୍ରାମରେ ପାଚିବାକୁ ଥିବା ଡ଼ାଲୁଅ ଧାନ ଚାଷ ଖାଇବା ସହ ମାଡି ମଚକି ନଷ୍ଟ କରି ଦେଇଥିଲେ । ପ୍ରଥମେ ହାତୀପଲ ମହାନଦୀ କଡେ କଡେ ଯାଇ ବଛାବଳଦ ବାଟ ଦେଇ ସାପଦୋହଲି ଅଞ୍ଚଳକୁ ପ୍ରବେଶ କରି ଧାନ ଖାଇବା ଆରମ୍ଭ କରିଥିଲେ । ଏଥିରେ ସାପଦୋହଲି ଗ୍ରାମର ଝରିଆ ଜଟି, ଗାନ୍ଧୀ ଜଟି, ଦୁଲ୍ଲ ଜଟି, ଲକ୍ଷ୍ମୀପ୍ରସାଦର ନାରାୟଣ ଶତପଥୀ, ମିଥିଳା ନାଏକ, ବୀରମଣି ପୁରୋହିତଙ୍କ ଡାଲୁଅ ଧାନ ସହ ଅନ୍ୟ କେତେକ ଚାଷୀଙ୍କ ମଧ୍ୟ ଧାନ ହାତୀ ପଲ ଖାଇ ଦଳି ଦେଇଥିଲେ । ବିରମଣି ପୁରୋହିତଙ୍କ ଏକ ବୋରିଂ କୂପ ଭାଙ୍ଗି ଓ ତାଡି ନଷ୍ଟ କରି ଦେଇଛନ୍ତି । ଗାନ୍ଧୀ ଜଟିଙ୍କ ବିଛା ଯାଇଥିବା ପାଣି ପାଇପ୍ ଭାଙ୍ଗି ଦେଇଥିଲେ । ପୁଣି ସୋମବାର ରାତିରେ ହାତୀ ପଲ ମହାନଦୀ କୂଳରେ ଚାଷ କରିଥିବା ଜଗତି ଗ୍ରାମର ଭଜ ଜେନା, ଖଟାଙ୍ଗ ଜେନା, ସଦାନନ୍ଦ ଜେନା, ରାଜ ଜେନା, ଜଟ ମୁଦୁଲି, ଗୋବିନ୍ଦ ସେଠୀ କରିଥିବା ଡାଲୁଅ ଧାନ ମାଡି ଦଳି ମକଚି ନଷ୍ଟ କରି ଦେଇଛନ୍ତି । ଏଥିରେ ଚାଷୀଙ୍କ ବହୁତ କ୍ଷତି ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି । ହାତୀ ପଲ ଦିନରେ ମହାନଦୀ ପାଣିରେ ରହୁଥିବା ବେଳେ ରାତିରେ ଚାଷୀଙ୍କ ଧାନ ଫସଲ ଖାଇବାକୁ ମାଡି ଆସୁଛନ୍ତି । ଏନେଇ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ । ନାମକୁ ମାତ୍ର ବନ କର୍ମଚାରୀ ପରିଦର୍ଶନରେ ଯାଇଥିବା ବେଳେ ହାତୀ ଘଉଡ଼ାଇବାକୁ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହାତୀ ନ ଘଉଡ଼ାଇଲେ ବାଧ୍ୟ ହୋଇ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ କହିଛନ୍ତି । ରାତିରେ ହାତୀ ପଲ ଜଗତି ଅଞ୍ଚଳରେ ଫସଲ ନଷ୍ଟ କରିବା ସହ ଗୁଡ଼ୀଆଲି ଗ୍ରାମର ବାହାଲ ଦେଇ ମହାନଦୀ ପାର ହୋଇ ଦୂରଦୁରା ଜଙ୍ଗଲକୁ ପଳାଇ ଯାଇଛନ୍ତି ବୋଲି ଅନୁମାନ କରାଯାଉଛି । ପୁଣି ଫେରି ବଞ୍ଚି ରହିଥିବା ଫସଲ ନଷ୍ଟ କରିଦେବେ ବୋଲି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ତେଣୁ ବନ ବିଭାଗ ହାତୀ ଘଉଡ଼ାଇବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି ।

## ମହେନ୍ଦ୍ର ମାଝୀ ସ୍ମାରକୀ କ୍ରିକେଟ କପ୍

# ଅମରପାଲିକୁ ହରାଇ ଘଣ୍ଟପାଲି ଚାମ୍ପିଅନ

ବୀରମହାରାଜପୁର,୨୧ ।୪(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଚାଲିଥିବା ମହେନ୍ଦ୍ର ମାଝୀ ସ୍ମାରକୀ ରାତ୍ରିକାଳୀନ କ୍ରିକେଟ କପ୍ ଉଦ୍‌ଯାପିତ ହୋଇଯାଇଛି । ଏହାର ଫାଇନାଲରେ ଆୟୋଜକ ଫ୍ରେଣ୍ଡସ କ୍ରିକେଟ କ୍ଲବ୍ ଅମରପାଲିକୁ ହରାଇ ଘଣ୍ଟପାଲି ଚାମ୍ପିଅନ ହୋଇଛି ।

ସୋମବାର ସନ୍ଧ୍ୟାରେ ପ୍ରଥମ ମ୍ୟାଚ୍ ଜେମସ୍ ଷ୍ଟାର କ୍ରିକେଟ କ୍ଲବ ଅମରପାଲି ଓ କର୍ଡାପାଲ ମଧ୍ୟରେ ହୋଇଥିଲା । ଏଥିରେ କର୍ଡାପାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୬୨ ରନ୍ କରିଥିଲା । ଜବାବରେ ଅମରପାଲି ଦଳ ୫.୧ ଓଭରରେ କୌଣସି ଉଇକେଟ ନ ହରାଇ ଆବଶ୍ୟକ ୬୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ମୁର୍ଷୁଣ୍ଡୀ ଓ ଖୁଣ୍ଟୁଲାପାଲି ମଧ୍ୟରେ ହୋଇଥିଲା । ଏଥିରେ ଖୁଣ୍ଟୁଲାପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୫୬ ରନ୍ କରିଥିଲା । ଜବାବରେ ମୁର୍ଷୁଣ୍ଡି ୬ ଓଭରରେ ୪ ଉଇକେଟ ହରାଇ ୫୨ ରନ୍ କରି ପରାସ୍ତ ହୋଇଥିଲା । ତୃତୀୟ ମ୍ୟାଚ ଜଟେସିଂହା ଓ କେନଝିରିଆପାଲି ମଧ୍ୟରେ ହୋଇଥିଲା । ଏଥିରେ କେନଝିରିଆପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୫୪ ରନ୍ କରିଥିଲା । ଜବାବରେ ଜଟେସିଂହା ଦଳ ୫.୪ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ୫୫ ରନ୍ କରି ବିଜୟୀ ହୋଇଥିଲା । ଚତୁର୍ଥ ମ୍ୟାଚ ଘଣ୍ଟପାଲି ଓ ହିଙ୍ଗମା ମଧ୍ୟରେ ହୋଇଥିଲା । ଏଥିରେ ଘଣ୍ଟପାଲି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୫ ଉଇକେଟ ହରାଇ ୪୭ ରନ୍ କରିଥିଲା । ଜବାବରେ ହିଙ୍ଗମା ୬ ଓଭରରେ ସମସ୍ତ ଉଇକେଟ ହରାଇ ୪୪ ରନ୍ କରି ପରାସ୍ତ ହୋଇଥିଲା । ପ୍ରଥମ ମ୍ୟାଚ୍‌ର ବିଜେତା ଅମରପାଲି ଓ ଦ୍ୱିତୀୟ ମ୍ୟାଚ୍‌ର ବିଜେତା ଖୁଣ୍ଟୁଲାପାଲି ମଧ୍ୟରେ ପୁଲ - ବିର ପ୍ରଥମ କ୍ୱାର୍ଟର ଫାଇନାଲ ଖେଳା ଯାଇଥିଲା । ଏଥିରେ ଖୁଣ୍ଟୁଲାପାଲି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୬ ଉଇକେଟ ହରାଇ ୫୨ ରନ୍ କରିଥିଲା । ଜବାବରେ ଅମରପାଲି ଜେମ୍ସ ଷ୍ଟାର୍ ଦଳ ୫.୪ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ୫୩ ରନ୍ କରି ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚର ବିଜେତା ଜଟେସିଂହା ଓ ଚତୁର୍ଥ ମ୍ୟାଚ୍‌ର ବିଜେତା ଘଣ୍ଟପାଲି ମଧ୍ୟରେ ଖେଳା ଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଘଣ୍ଟପାଲି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୪୮ ରନ୍ କରିଥିଲା । ଜବାବରେ ଜଟେସିଂହା ୬ ଓଭରରେ ୪୪ ରନ୍ କରି ପରାସ୍ତ ହୋଇଥିଲା । ଘଣ୍ଟପାଲି ଓ ଅମରପାଲି ଜେମ୍ସ ଷ୍ଟାର୍ ମଧ୍ୟରେ ହୋଇଥିବା ସେମି ଫାଇନାଲରେ ଅମରପାଲି ୬ ଓଭରରେ ୪୪ ରନ କରିଥଲା । ଘଣ୍ଟପାଲି ୪.୩ ଓଭରରେ ୪୫ ରନ୍ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲ ମ୍ୟାଚ୍ ଘଣ୍ଟପାଲି ଓ ପ୍ରଥମ ଦିନର ବିଜେତା ଫ୍ରେଣ୍ଡସ କ୍ଲବ ଅମରପାଲି ମଧ୍ୟରେ ହୋଇଥିଲା । ଏଥିରେ ଘଣ୍ଟପାଲି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୫ ଉଇକେଟ ହରାଇ ୫୪ ରନ୍ କରିଥିଲା । ଅମରପାଲି ୩.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୯ ରନ୍ କରି ପରାସ୍ତ ହୋଇଥିଲା । ଏହାଫଳରେ ଘଣ୍ଟପାଲି ମ୍ୟାଚ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସୁବଳୟା ମଣ୍ଡଳ ଭାଜପା ସଭାପତି ଅଶୋକ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଚାମ୍ପିଅନ ଦଳକୁ ନଗଦ ୭ ହଜାର ଟଙ୍କା ସହ ଟ୍ରଫି ଏବଂ ଉପ ବିଜେତା ଦଳକୁ ନଗଦ ୫ ହଜାର ଟଙ୍କା ସହ ଟ୍ରଫି ପୁରସ୍କୃତ କରାଯାଇଥିଲା । ଜୟପ୍ରକାଶ ସାହୁ ଓ ସମ୍ବିତ ମାଝୀ ଅମ୍ପାୟାର ଥିଲେ । ଅଂଶୁମାନ ପ୍ରଧାନ ସ୍କୋରିଙ୍ଗରେ ସହଯୋଗ କରିଥିଲେ । ତଥାଗତ ସାହୁ ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।



## ସିଙ୍ଘାରୀ ଘାଟିରେ ଓଲଟିଲା ଟ୍ରାଭେଲର, ୪ ଗୁରୁତର

ଥୁଆମୂଳରାମପୁର,୨୧।୪(ସମିସ): ଥୁଆମୁଳ ରାମପୁର-କଳମପୁର ମୁଖ୍ୟା ରାସ୍ତାର ସିଙ୍ଘାରୀ ଘାଟିରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଦୁର୍ଘଟଣା ଘଟି ୪ ଜଣ ଗୁରୁତର ହୋଇଛନ୍ତି। ଓଡି୦୮ଏନ -୨୦୦୭ ନମ୍ବର ବିଶିଷ୍ଟ ଟ୍ରାଭେଲର ଯୋଗେ ଥୁଆମୁଳରାମପୁର ଥାନା ଅଧିନସ୍ଥ ବଲଙ୍ଗି ତେନ୍ତୁଳିପଡା ଗାଁରେ କନ୍ୟା ଛାଡି ବିଳମ୍ବିତ ରାତିରେ ଥୁଆମୁଳରାମପୁର-କଳମପୁର ମୁଖ୍ୟ ରାସ୍ତାର ସିଙ୍ଘାରୀ ଘାଟି ଦେଇ ଜୁନାଗଡ ଥାନା ଅଧୀନସ୍ଥ ବନମାଳିପୁର ଗାଁକୁ ଫେରୁଥିଲେ। ସିଙ୍ଘାରୀ ଘାଟିର ଏନ ବ୍ୟାଣ୍ଡ ନିକଟରେ ଗାଡି ଚାଳକ ନିୟନ୍ତ୍ରଣ ହରାଇବାରୁ ଘାଟିର ପ୍ରାୟ ୧୫ ଫୁଟ ତଳକୁ ଓଲଟି ପଡି ଏକ ଗଛରେ ଲାଗି ରହିଥିଲା। ଫଳରେ ଗାଡି ଭିତରେ ଥିବା ପ୍ରାୟ ୧୪ ଜଣଙ୍କ ମଧ୍ୟରୁ ମଣ୍ଡଳର-ରୁପେଶ ଭୋଇ, ତପସ୍ୱିନୀ ଭୋଇ ବନମାଳିପୁର ଗ୍ରାମର ଭୁପେନ ମାଝୀ ଏବଂ ଭୁବନେଶ୍ୱର ଭୋଇ ପ୍ରମୁଖ ଗୁରୁତର ହେଇଛନ୍ତି। ସେମାନଙ୍କୁ କନ୍ୟା ଛାଡି ଫେରୁଥିବା ଅନ୍ୟ ଏକ ଗାଡିରେ ଚିକିତ୍ସା ପାଇଁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ରୁପେଶ, ତପସ୍ୱିନୀ ଏବଂ ଭୂପେନଙ୍କ ଅଧିକ ଚିକିତ୍ସା ପାଇଁମଙ୍ଗଳବାର ସକାଳେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଥୁଆମୁଳରାମପୁର ପୁଲିସ ପକ୍ଷରୁ ଏସଆଇ ସନ୍ତୋଷ ସେଠୀ ସକାଳ ସାଢେ ୮ଟା ବେଳେ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



### ● ଗଛରେ ପିଟିହେଲା ବୋଲେରୋ

## ଜଣେ ମୃତ ଓ ୫ ଗୁରୁତର

ଜୟପାଟଣା,୨୧।୪(ସମିସ):କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ଗୁନୁଗୁନିଆ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ବୋଲେରୋ ଗାଡ଼ି ରାସ୍ତା କଡ଼ରେ ଥିବା ଗଛରେ ପିଟି ହେବା ଫଳରେ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାଅନୁଯାୟୀ, ସୋମବାରବିଳମ୍ବିତ ରାତିରେଜୟପାଟଣାଥାନାଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ୬ ଲୋକ ବୋଲେରୋ ଯୋଗେ ବଲାଙ୍ଗିରରୁ ବିବାହ ଉତ୍ସବରେ ଯୋଗଦେଇ



ନିଜ ଗାଁକୁ ଫେରୁଥିଲେ। ତେବେ ଗୁନୁଗୁନିଆ ଛକ ନିକଟରେ ଚାଳକ ଗାଡ଼ିଟିରୁ ନିୟନ୍ତ୍ରଣ ହରାଇବାରୁ ଏହା ସିଧାସଳଖ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲା।ଗୁରୁତର ହୋଇଥିବା ୬ ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।ସେଠାରେ ମିନୁରାଣୀ ସାହୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

## ରାଇଜିନ ସନ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ସିନାପାଲି,୨୧।୪(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲିସ୍ଥିତ ରାଇଜିନ ସନ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲ ପରିଚାଳନା ସଭାପତି ରଜନୀକାନ୍ତ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ଦୁଷ୍ମନ୍ତପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ଦେବେଶ ହଂସ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ଭାବେ ସିନାପାଲି ବିଡିଓ କାର୍ମି ଓରାମ, ମୁଖ୍ୟବକ୍ତା ଭାବେ ଓଡ଼ିଆ ଅଧ୍ୟାପକ କନକବର୍ଦ୍ଧନ ସାହୁ, ସମ୍ମାନିତଅତିଥି ଭାବେ ସିନାପାଲି ରେଞ୍ଜର କାମେଶ୍ୱର ତାଣ୍ଡି ମଞ୍ଚାସୀନ ଥିଲେ।ସ୍କୁଲ୍ ନିର୍ଦ୍ଦେଶକ ରଜନୀକାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ରାଜେନ୍ଦ୍ର ନାରାୟଣ ଯୋଷୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବର୍ଷ ୨୦୨୫-୨୬ରେ ୨ଟି ଛାତ୍ର ଜବାହର ନବୋଦୟ ବିଦ୍ୟାଳୟ , ୪ଛାତ୍ର ସୈନିକ ସ୍କୁଲ ଏବଂ ୨୨ ଟି ଛାତ୍ରଛାତ୍ରୀ ଆଦର୍ଶ ବିଦ୍ୟାଳୟରେ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରଲିପ୍ତା ପଣ୍ଡା ବ୍ଲକ୍ ଏବଂ ଜିଲ୍ଲାସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରୋହିତ ବାଗ, ପ୍ରକାଶ ହୋତା, ଉଦୟ ଜଗତ, ସୁଧୀର ସୁନାନି, ବଦନ ମହାନନ୍ଦ, ଗିରିଶ ନିଆଲ, କୀର୍ତ୍ତନ ଜଗତ, ଶିକ୍ଷୟିତ୍ରୀ ନମ୍ରତା ପୁରୋହିତ, ବାସନ୍ତୀ ଜଗତ, ଜୋସ୍ନା ମେହେର, ମମତା ମେହେର, ସିମରନ୍ ଖମାରୀ, ରୁକ୍ମଣୀ ମେହେର, ନମ୍ରତା ମେହେର, ସିମରନ୍ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ନିଖିଳ ଉତ୍କଳ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

କୋକସରା,୨୧।୪(ସମିସ):ମଙ୍ଗଳବାର ନିଖିଳ ଉତ୍କଳ କୋକସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଲମୁକୁନ୍ଦ ଭୂୟାଁଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ବୀର କିଶୋର ନାଗଙ୍କ ନେତୃତ୍ୱରେ ଶିକ୍ଷକମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ସଂଘର ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ କାର୍ଯ୍ୟରତ ଶିକ୍ଷକଙ୍କ ୬ବର୍ଷ ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ଗଣନା କରି ୬ଟି ଇନକ୍ରିମେଣ୍ଟ ପ୍ରଦାନ, ଶିକ୍ଷକଙ୍କୁ ୪ ହଜାର ୨ ଶହ ଟଙ୍କା ଗ୍ରେଡପେ ପ୍ରଦାନ, ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ୟୁପି ସ୍କୁଲରେ ଜଣେ ଲେଖାଏଁ ଶିକ୍ଷୟିତ୍ରୀ ନିଯୁକ୍ତି ବାଧ୍ୟତାମୂଳକ, କୋକସରା ବିଇଓ କାର୍ଯ୍ୟାଳୟରେ ଖାଲି ପଡିଥିବା ଏବିଇଓ ଓ କିରାଣୀ ପଦବୀ ଶୀଘ୍ର ପୂରଣ, ଶିକ୍ଷକଙ୍କ ଯୋଗ୍ୟତା ଅନୁଯାୟୀ ପଦୋନ୍ନତି, ଏକ୍ସ କେଡର ଶିକ୍ଷକଙ୍କୁ ନିୟମିତ କ୍ୟାଡରରେ ସାମିଲ ସହ ସମସ୍ତ ସରକାରୀ ସୁବିଧା ଯୋଗାଇବା ସହ କଳା ଓ କ୍ରୀଡା ଶିକ୍ଷକଙ୍କୁ ନିୟମିତ କରିବା ଓ ପ୍ରତି ୟୁପି ସ୍କୁଲରେ କଳା ଓ କ୍ରୀଡା ଶିକ୍ଷକ ପଦବୀ ସୃଷ୍ଟି କରି ସ୍ଥାୟୀ ନିଯୁକ୍ତି ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଶ୍ରୀନାଗଙ୍କ ସମେତ ଉପସଭାପତି ଅମୁଲ୍ୟ ବେହେରା,ସମ୍ପାଦକ ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ଯୁଗ୍ମ ସଂପାଦକ ସୁବାଷ ଚନ୍ଦ୍ର ବାଗ, ସନ୍ତୋଷ ସ୍ୱାଇଁ,ଅଭିନାଶ ଜେନା,ଦିପକ ଧିର,ରତିକାନ୍ତ ମହାରଣା,ବନ୍ଦିତା ଦାସ, ସିଆରସିସି ଉମାକାନ୍ତ ସତନାମି, ସୁମନ୍ତ ଠାକୁର,ଗୀତାଞ୍ଜଳି ଶବର ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ।

### ଚାଷୀଙ୍କ ଜୀବନରେଖା ଆମପାଣିର 'କରକ'

# ପୋତି ହେଉଛି କେନାଲ ; ଚିନ୍ତାରେ ଚାଷୀ

କୋକସରା,୨୧।୪(ସମିସ)



କୋକସରା ବ୍ଲକ୍ ଆମପାଣି ଅଞ୍ଚଳର ଚାଷୀଙ୍କ ଜୀବନରେଖା କୁହାଯାଉଥିବା "କରକ' ଜଳପ୍ରପାତରୁ ତିଆରି ହୋଇଥିବା ମାଟି ଓ କଂକ୍ରିଟ କେନାଲ ଏବେ ପୋତି ହେବାକୁ ବସିଲାଣି। ଆମପାଣି ଏକ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳ ଭାବେ ପରିଗଣିତ ରହିଥିବାବେଳେ ଜଳସେଚନ ଅଭାବରୁ ଅଞ୍ଚଳରେ ଚାଷ କାର୍ଯ୍ୟ ସମ୍ଭବ ନ ଥିଲା। ସେହି ସମୟରେ ସରାଦୁ ମାଝୀ ନାମକ ଜଣେ ଚାଷୀ ଅଞ୍ଚଳର ଚାଷୀମାନଙ୍କୁ ଏକତ୍ରିତ କରି ଝରଣାରୁ ବହି ଆସୁଥିବା ପାଣିକୁ ପଥର ଓ ମାଟିରେ ଆଡି ବନ୍ଧ ନିର୍ମାଣ କରି କାଠ ଡ଼ଙ୍ଗା ସାହାଯ୍ୟରେ ଜଳସେଚନ ବ୍ୟବସ୍ଥା କରିଥିଲେ। ଯାହା ପରବର୍ତ୍ତୀ ସମୟରେ ପାହାଡର ବୁକୁ ଚିରି କୁଲୁକୁଲୁ ନଦୀରେ ବହିଯାଉଥିବା ଚିରସ୍ରୋତା "କରକ' ଝରଣାକୁ ୧୯୮୬ ମସିହାରେ ତତ୍କାଳୀନ ସରକାରରେ ମନ୍ତ୍ରୀ ଥିବା ରାହାସ ବିହାରୀ ବେହେରାଙ୍କ ଉଦ୍ୟମରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଜଳ ଅମଳ ଯୋଜନାରେ ସାମିଲ କରାଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା "କରକ' ଜଳ ସେଚନ ପ୍ରକଳ୍ପ। ଜଳ ସେଚନ ବ୍ୟବସ୍ଥା ହେବାପରେ ଡ୍ୟାମ୍ ପାଣିରେ ସବୁଜିମା ହେଉଛି ଆମପାଣି ଓ ଅପଖାଖର କିଛି ଅଞ୍ଚଳ। ଖରିଫ ଋତୁରେ ଧାନ ଚାଷ ହେଉଥିବାବେଳେ ରବି ଋତୁରେ ପନିପରିବା, ସୂର୍ଯ୍ୟମୁଖୀ, ବାଦାମ ପରି ଅନେକ ଚାଷ କରି ଦି' ପଇସା ରୋଜଗାର କରୁଛନ୍ତି ଚାଷୀ।

ତେବେ ରକ୍ଷଣାବେକ୍ଷଣ ଅଭାବରୁ ଧୀରେଧୀରେ ମାଟି କେନାଲ ପୋତି ହୋଇ ଯାଉଥିବା ବେଳେ ଆଇକଟ ଏରିଆ ସଂକୁଚିତ ହେବାକୁ ଲାଗିଛି। ମନରେଗା ଯୋଜନା ମାଧ୍ୟମରେ କଂକ୍ରିଟ କେନାଲ ପଞ୍ଚାୟତ ଦ୍ୱାରା କାର୍ଯ୍ୟ ହେଉଥିଲେ ହେଁ ତାହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ। ବର୍ତ୍ତମାନ ଏଠାକାର ମାଟି ଓ କଂକ୍ରିଟ କେନାଲ ଗୁଡ଼ିକ ପୋତି ହେବାକୁଥିବା ବେଳେ ଚିନ୍ତାରେ ପଡ଼ିଛନ୍ତି ଅଞ୍ଚଳର ଚାଷୀ। ବିଭିନ୍ନ ସମୟରେ ଅଞ୍ଚଳର ଚାଷୀମାନେ "କରକ' ଝରଣାରୁ ବୋହିଆସୁଥିବା ପାଣିକୁ ଏକ ଡ୍ୟାମ ତିଆରି କରି ଷ୍ଟୋରେଜ ବ୍ୟବସ୍ଥା ପାଇଁ ଦିର୍ଘ ବର୍ଷରୁ ଦାବି କରି ଆସୁଛନ୍ତି। ହେଲେ ଅନେକ ନେତା ଓ ପ୍ରଶାସନ ଅଧିକାରୀ ମାନେ ପ୍ରକଳ୍ପ ପରିଦର୍ଶନ କରି ପରବର୍ତ୍ତୀ ସମୟରେ ନିରବି ଯାଇଛନ୍ତି। ଯଦି ପ୍ରକଳ୍ପ କାର୍ଯ୍ୟ କରାଗଲେ ଆମପାଣି ସମେତ ପଡ଼ୋଶୀ ପଞ୍ଚାୟତର କିଛି ଅଞ୍ଚଳର ଚାଷୀ ସୁବିଧାରେ ପାଣି ପାଇଁ ପାରିବେ। ତେଣୁ ଅଞ୍ଚଳର ଚାଷୀଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଓ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜୟ ପର୍ଶୁରାମ ଧ୍ୱନିରେ କମ୍ପିଲା ସହର



କେସିଙ୍ଗା,୨୧।୪(ସମିସ):ସମଗ୍ର ବ୍ରାହ୍ମଣ ସମାଜର ପ୍ରତିଷ୍ଠାତା ତଥା ବିଷ୍ଣୁଙ୍କ ଷଷ୍ଠ ଅବତାର ଭଗବାନ ପର୍ଶୁରାମ ଙ୍କ ଜନ୍ମୋତ୍ସବ କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଅନୁଷ୍ଠିତ ହୋଇଯାଇଛି।ଉତ୍ସବ ପାଇଁ କେସିଙ୍ଗା ବ୍ରାହ୍ମଣ ସମାଜ ପକ୍ଷରୁ ୧୫ ଦିନ ଆଗରୁ ପ୍ରସ୍ତୁତି ଆରମ୍ଭ କରାଯାଇ ରୂପରେଖ ଚୂଡାନ୍ତ କରାଯାଇଥିଲା।ପ୍ରସ୍ତୁତି ଅନୁଯାୟୀ ରବିବାର ଅପରାହ୍ନରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ପାରମ୍ପାରିକ ବ୍ରାହ୍ମଣ ବେଶଭୂଷାରେ ବିରାଟ ଶୋଭାଯାତ୍ରା ବାଜା, ଖଞ୍ଜଣି, ଘଣ୍ଟ, ଶଙ୍ଖ ଧ୍ୱନିରେ ସହର ପରିକ୍ରମା କରି ସ୍ଥାନୀୟ ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଜଗନ୍ନାଥ ସ୍କୁଏର ପର୍ଯ୍ୟନ୍ତ ଆସି ଶେଷ ହୋଇଥିଲା। କେସିଙ୍ଗା ସହରରେ ଶୋଭାଯାତ୍ରା ସମୟରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ଥାନେ ସ୍ଥାନେ ଥଣ୍ଡା ପାନୀୟ ଜଳ, ସରବତ ବଣ୍ଟନ କରାଯାଇ ଥିଲ। ଶୋଭାଯାତ୍ରାରେ କେସିଙ୍ଗା ବ୍ୟତୀତ ଆଖ ପାଖ ଅଞ୍ଚଳରୁ ଅନେକ ବ୍ରାହ୍ମଣ ପରିବାର ଯୋଗ ଦେଇ ନିଜ ସମାଜର ଏକତାର ପରିଚୟ ପ୍ରଦାନ କରିଥିଲେ। କେସିଙ୍ଗା ବ୍ରାହ୍ମଣ ସମାଜ ର ସଭାପତି ପ୍ରଦୀପ କୁମାର ରଥ, ପର୍ଶୁରାମ ପାଢ଼ୀ, ଲଳିତ ଶର୍ମା,ଜଗଦୀଶ ଖାଡ଼ଙ୍ଗା, ବସନ୍ତ ପୁରୋହିତ, ପ୍ରଶାନ୍ତ ବାନାର୍ଜୀ, ରାଜେନ୍ଦ୍ର କୁମାର ରଥ, ରବି ନନ୍ଦ, ସନ୍ତୋଷ ଦାସ, ରଞ୍ଜନ ପାଢ଼ୀ, ରୁବୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭଡ଼ାଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

କୋକସରା,୨୧।୪(ସମିସ) : କୋକସରା ଥାନା ଲଡୁଗାଁ ଗ୍ରାମର ଏକ ଭଡ଼ା ଘରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ମହିଳାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିବା ପରେ ମହିଳାଙ୍କ ସ୍ୱାମୀକୁ କୋକସରା ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଲଡୁଗାଁ ଗ୍ରାମର ସୁରଞ୍ଜନ ଦାସଙ୍କ ଦ୍ୱିତୀୟ ଝିଅ ସୁପ୍ରିତି ଦାସ ଓ ତ୍ୱାଇଁ ନୂଆପଡା ଜିଲ୍ଲା ସିଙ୍ଗଝର ଗ୍ରାମର ପ୍ରଭାସ ଦାସ ଦିର୍ଘ ୫ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ସେମାନେ ଲଡୁଗାଁ ସ୍ଥିତ ଏକ ଭଡାଘରେ ରହି ଆସୁଥିଲେ। ମଙ୍ଗଳବାର ଘର ଭିତରେ ସୁପ୍ରିତିର ଝୁଲନ୍ତା ମୃତଦେହ ଦେଖିବାକୁ ପାଇ ସ୍ୱାମୀ ପ୍ରଭାସ ଦାସ ଶ୍ୱଶୁର ଘର ଲୋକଙ୍କୁ ଖବର ଦେଇଥିଲେ। ଏହା ପରେ ସେମାନେ ପହଞ୍ଚି



କୋକସରା ଥାନା ପୁଲିସକୁ ଖବର ଦେବାପରେ ପୁଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ସାହାଯ୍ୟରେ ତଦନ୍ତ କରିବା ସହ ଶବ ଜବତ୍ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଶବ ବ୍ୟବଛେଦ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଭାବେ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଧର୍ମଗଡ଼ ଏସଡିପିଓ ଭାର୍ଷିତା ଆଡ଼େପୁ ଉପସ୍ଥିତ ରହିଥିଲେ। ଅନ୍ୟପଟେ ମୃତ ମହିଳାଙ୍କ ବାପ ଘର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ପୁଲିସ ମୃତ ମହିଳାଙ୍କ ସ୍ୱାମୀ ପ୍ରଭାସ ଦାସଙ୍କୁ କୋକସରା ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। କୋକସରା ଥାନା ପୁଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଶିଶୁ ମିତ୍ର ଥାନା ଲୋକାର୍ପିତ



ସିନାପାଲି,୨୧।୪(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ପରିସରରେ ଶିଶୁ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଶିଶୁ ମିତ୍ର ଥାନାର ଲୋକାର୍ପଣ ହୋଇଯାଇଛି।ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଏସ୍‌ପି ଅମ୍ରିତପାଲ ସିଂ ଯୋଗଦାନ କରି ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ୧୪ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ଆଶା ଜୈନ,୧୨ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ପୁଷ୍ପାଞ୍ଜଳି ଗୁଆଲ,୧୩ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟ ଯାଜ୍ଞସେନୀ କଟା, ଖଡିଆଳ ଏସଡିପିଓ ଉପେନ୍ଦ୍ର ପ୍ରଧାନ, ସିନାପାଲି ଥାନା ଅଧିକାରୀ ଦୁର୍ଗାମାଧବ ବାଗ, ପୋଲିସ ଏସଆଇ ଗୌରିଶଙ୍କର ଦାସ, ସହଦେବ ଯୋଷୀ,ଜ୍ୟୋସ୍ନାରାଣୀ ଖୁଣ୍ଟିଆ, ରାମେଶ୍ୱର ବାଗ, ପ୍ରଭାକର ନାୟକ, ରଶ୍ମିମୟୀ ସ୍ୱାଇଁ ସମେତ ରାଜଶ୍ରୀ ପବ୍ଲିକ ସ୍କୁଲ ର ଛାତ୍ର ଛାତ୍ରୀ ତଥା ଅଞ୍ଚଳର ବୁଦ୍ଧିଜୀବୀ ଓ ଥାନାର ଅନ୍ୟାନ୍ୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଲେ। ଏହି ଥାନା ମହିଳା ଓ ଶିଶୁଙ୍କ ସେବା କରିବାରେ ପ୍ରମୁଖ ସହଯୋଗ ରହିବା ସହିତ ଶିଶୁଙ୍କ ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ପ୍ରକାର ଖେଳଣା ରହିଛି। ଯାହା ଶିଶୁଙ୍କ ମନକୁ ନୂତନ ଆଶା ସଞ୍ଚାର କରିବ ଓ ଥାନା ସହିତ ସୁସମ୍ପର୍କ ସ୍ଥାପନର ମାଧ୍ୟମ ସାଜିବ ବୋଲି ନୂଆପଡ଼ା ଏସ୍‌ପି ଅମ୍ରିତପାଲ ସିଂ କହିଛନ୍ତି।

### 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'

## ବିବାହ ବନ୍ଧନରେ ଆବଦ୍ଧ ହେଲେ ୧୨ ଦମ୍ପତି



ନୂଆପଡ଼ା,୨୧।୪(ସମିସ): 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ନୂଆପଡ଼ା ଜିଲ୍ଲାରେ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଆମସେନାସ୍ଥିତ ଗୁରୁକୁଳ ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ୧୨ ନବ ଦମ୍ପତି ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢ଼ୋଲକିଆ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାଶ, ଡିଏଫଓ (ବନ୍ୟପ୍ରାଣୀ) ସମୀର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ ସହ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ୍ ଅଧକ୍ଷା ଅନୁସୂୟା କୁମ୍ଭାର, ଖଡ଼ିଆଳ ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖରିଆରରୋଡ ଏନ୍‌ଏସି ଅଧକ୍ଷା ଡ଼.ସୋନିଆ ଜୈନ, ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ଗୁରୁକୁଳ ସଂସ୍ଥାପକ ଧର୍ମାନନ୍ଦ ସରସ୍ୱତୀ, ବ୍ରତାନନ୍ଦ ସରସ୍ୱତୀ, ମହେନ୍ଦ୍ର ଯୋଷୀ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ବିବାହ ସମ୍ପନ୍ନ ପରେ, ଯୋଜନା ଅନୁଯାୟୀ ପ୍ରତ୍ୟେକ ଦମ୍ପତିଙ୍କୁ ୪୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା। ଏହା ସହିତ ବିଧାୟକ ଜୟ ଢ଼ୋଲକିଆ ପ୍ରତ୍ୟେକ ଦମ୍ପତିଙ୍କୁ ଅତିରିକ୍ତ ୧,୧୦୦ ଟଙ୍କା ସହାୟତା ପ୍ରଦାନ କରିଥିଲେ।

## କଳାହାଣ୍ଡିରେ ୩୪ ଯୋଡ଼ିଙ୍କ ସାମୂହିକ ବିବାହ

ଭବାନୀପାଟଣା,୨୧।୪(ସମିସ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନ ଅଧୀନରେ ସାମୂହିକ ବିବାହ କାର୍ଯ୍ୟକ୍ରମ ମଙ୍ଗଳବାର ଭବାନୀପାଟନାସ୍ଥିତ ଏସ୍‌ଏନ୍ ମ୍ୟାରେଜ ପ୍ୟାଲେସ୍‌ରେ ଜିଲ୍ଲା ପ୍ରଶାସନଙ୍କ ଏବଂ କର୍ତ୍ତବ୍ୟ ଅନୁଷ୍ଠାନଙ୍କ ସହଯୋଗରେ ଆୟୋଜିତ ହୋଇଥିଲା।ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜିକ ସୁରକ୍ଷାକୁ ସୁଦୃଢ଼ କରିବା, ଲିଙ୍ଗ ସମତାକୁ ପ୍ରୋତ୍ସାହନ ଦେବା ଏବଂ ଆର୍ଥିକ ଭାବେ ଦୁର୍ବଳ ରହିଥିବା ପରିବାରଙ୍କୁ ବିବାହ ସମୟରେ ସହାୟତା ପ୍ରଦାନ କରିବା।ଏହି ଅବସରରେ ଜିଲ୍ଲାର ୩୪ ଜଣ ଯୋଗ୍ୟ ଯୁଗଳଙ୍କ ବିବାହ ସମ୍ପନ୍ନ କରାଯାଇଥିଲା। ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପାୱର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସିଡିଏମ୍ ଓ ପିଏଚଓ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ବିଡିଓ ଭବାନୀପାଟଣା ଚନ୍ଦନ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୈଲେନ୍ଦ୍ର ଶେଖର ମହାପାତ୍ର, କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।



## କବି ଜୟଦେବ ଜୟନ୍ତୀରେ କବିତା ପାଠୋତ୍ସବ

ନୂଆପଡ଼ା,୨୧।୪(ସମିସ):ନୂଆପଡାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ କବି ଜୟଦେବ ଜୟନ୍ତୀ ଉପଲକ୍ଷେ ସଦରମହକୁମା ସ୍ଥିତ ସଦଭାବନା ସଭାଗୃହରେ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କବି ବାସୁଦେବ ସୁନାନୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବାବେଳେ ଗୀତାଶ୍ରୀ ପ୍ରିୟମ୍ବଦା ମୁଖ୍ୟବକ୍ତା ଭାବେ ଯୋଗଦେଇ ମହାନ କବି ଜୟଦେବଙ୍କ ଜୀବନ ଓ ସାହିତ୍ୟ ସାଧନା ବିଷୟରେ ଉଦ୍‌ବୋଧନ ରଖିଥିଲେ।ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କବି ଓ କବିତ୍ରୀମାନେ ଜୟଦେବଙ୍କ ସ୍ମୃତିରେ ନିଜନିଜ କବିତା ପାଠ କରି କାର୍ଯ୍ୟକ୍ରମକୁ ସାହିତ୍ୟମୟ କରିଥିଲେ। ଶିକ୍ଷକ ଓ କବି ସୁଶାନ୍ତ କୁମାର ମୁଣ୍ଡ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### କୋମନା ବସ୍‌ଷ୍ଟାଣ୍ଡରେ ଛାଇ କି ପାଣି ବ୍ୟବସ୍ଥା ନାହିଁ

# ଦୋକାନରେ ମୁଣ୍ଡ ଗୁଞ୍ଜୁଛନ୍ତି ଯାତ୍ରୀ

ନୂଆପଡ଼ା/କୋମନା,୨୧।୪(ସମିସ)

ନୂଆପଡ଼ା ଜିଲ୍ଲାରେ କିଛି ଦିନ ହେବ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାର କୋମନା ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ଆଶ୍ରୟ ନେବାପାଇଁ କୌଣସି ଛାଇ ଜାଗା କି ପାନୀୟ ଜଳର ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନୂଆପଡ଼ା ଜିଲ୍ଲା କୋମନା ଦେଇ ଜାତୀୟ ରାଜପଥ ୩୫୩ ଯାଇଛି। କୋମନା ଦେଇ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ସ୍ଥାନକୁ ବସ୍ ଚଳାଚଳ କରିଥାଏ। ଲୋକେ




ବସ୍‌ରେ ଯିବା ପାଇଁ କୋମନା ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରି ଥାଆନ୍ତି। ପୁଣି କୋମନାରେ ବ୍ଲକ, ତହସିଲ କାର୍ଯ୍ୟାଳୟ, ଥାନା, କୋର୍ଟ ଆଦି ଥିବାରୁ ୩୨ଟି ପଞ୍ଚାୟତର ଲୋକେ ଯିବା ଆସିବା କରିଥାନ୍ତି। ଯାତ୍ରୀମାନେ ବସ୍ ଅପେକ୍ଷାରେ ବସ୍‌ଷ୍ଟାଣ୍ଡ ପାଖେ ଥିବା ବିଭିନ୍ନ ଚା, ପାନ ଦୋକାନ, ଫଳ ଦୋକାନ ଆଦି ସ୍ଥାନରେ ଖରାରୁ ରକ୍ଷା ପାଇଁ ଆଶ୍ରୟ ନେବାକୁ ବାଧ ହୋଇଥାଆନ୍ତି। ବେଳେବେଳେ ଦୋକାନୀଙ୍କ ଆକ୍ରୋଶର ଶିକାର ମଧ ହୋଇଥାଆନ୍ତି। ପୁଣି ଜଳଛତ୍ର ନ ଥିବାରୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କୋମନାରେ ନିର୍ମାଣାଧୀନ ବସ୍ ଷ୍ଟାଣ୍ଡ କାମ ସରି ଯାଇଛି। କିନ୍ତୁ ଉଦ୍‌ଘାଟନ ହୋଇ ନ ଥିବାରୁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଖରା ଦିନରେ ଯାତ୍ରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୀଘ୍ର ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବା ସହ ପାନୀୟ ଜଳର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ମୋ ଜଙ୍ଗଲ ଜମି ଯୋଜନା କର୍ମଶାଳା

ଭବାନୀପାଟଣା,୨୧।୪ (ସମିସ): ଡ଼ଙ୍ଗରଗଡ଼ ସୁରକ୍ଷା ପରିଷଦ ଟ୍ରଷ୍ଟ ତରଫରୁ ମୋ ଜଙ୍ଗଲ ଜମି ଉପରେ କର୍ମଶାଳା କଲମଠାରେ ଅନୁଷ୍ଠିତ ହୋଇଯାଇଛି। କାଯ'କ୍ରକ୍ରମରେ ଟ୍ରଷ୍ଟର ଅଧକ୍ଷ ଡ଼.ଭବାନୀ ଶଙ୍କର ନିଆଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏସିଏଫ୍ ଲିଲି ଅମାତ୍ୟା, ସମ୍ମାନିତ ଅତିଥି ଭାବେ ବନପାଳ ସବେଶ୍ୱର ଗହିର, କର୍ଲାପଡ଼ା ଥାନା ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ, ସଞ୍ଜୀବ ଶତପଥୀ, ଟି. ସୃଷ୍ଟି ରାଓ ଏବଂ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ଅଂଶଗ୍ରହଣ କରିଥିଲେ। କୀର୍ତ୍ତନ ମାଝୀ, ଚନ୍ଦ୍ରସେନା ବାଗ, ମହେନ୍ଦ୍ର



ବାଗ, ଭବାନୀ ବାଗ, କମଳ ମାଝୀ ଏବଂ 'ଜଳ ଜଙ୍ଗଲ ଜମି କମିଟି' କଲମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମୋ ଜଙ୍ଗଲ ଜମି ଯୋଜନା ହେଉଛି ଓଡ଼ିଶା ସରକାରଙ୍କ ପ୍ରମୁଖ ଯୋଜନା, ଯାହା ବନ ଅଧିକାର ଅଧିନିୟମ, ୨୦୦୬ର ପ୍ରଭାବଶାଳୀ ରୂପାୟନ ପାଇଁ ଆରମ୍ଭ କରାଯାଇଛି। ଏହି ଯୋଜନା ଜରିଆରେ ଜନଜାତି ଓ ବନବାସୀଙ୍କୁ ସେମାନଙ୍କର ଜମି ଅଧିକାର ପ୍ରଦାନ କରିବା ସହ ସେମାନଙ୍କର ଜୀବିକା ଏବଂ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। କଳାହାଣ୍ଡି ଜିଲ୍ଲାର ଉତ୍ତର ଓ ଦକ୍ଷିଣ ବଲ ବନଖଣ୍ଡ ଅଞ୍ଚଳରେ ଆସୁଥିବା ଏକ ବନଖଣ୍ଡ ଅଂଚଳରେ ଜଳ ଜଙ୍ଗଲ ଜମି ଅନ୍ତର୍ଗତ ପଟ୍ଟା ବଣ୍ଟନ ପ୍ରକ୍ରିୟାକୁ ତରାନ୍ୱିତ କରିବା ଦିଗରେ ସରକାରୀ ଓ ବେସରକାରୀ କର୍ମଶାଳା ଜରିଆରେ ହିତାଧିକାରୀଙ୍କୁ ପ୍ରୋତ୍ସାହନ କରାଯିବା ପାଇଁ ବକ୍ତାମାନେ ମତ ପ୍ରକାଶ କରିଥିଲେ।

